# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 February - 2026

*******************************

## ମୁଖ୍ୟ ସମ୍ବାଦ

- ସଠିକ୍ ଏବଂ ସମୟୋପଯୋଗୀ ବୁଝାମଣା ଫଳରେ ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦିତ ହୋଇଥାଏ

– କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧନ କରି କହିଲେ ପ୍ରଧାନମନ୍ତ୍ରୀ

- ବିଧାନସଭାରେ ଉପସ୍ଥାପିତ ହେଲା ଚଳିତ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ; ଅଭିବୃଦ୍ଧି ହାର ୭ ଦଶମିକ ୯ ପ୍ରତିଶତ ରହିବା ନେଇ ଅନୁମାନ

- ଧାନକିଣା ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ

ଏବଂ

- ରାଜ୍ୟର ୩ହଜାର ୮୨ଟି କେନ୍ଦ୍ରରେ ଆଜିଠାରୁ ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

Desk

# ପ୍ରଧାନମନ୍ତ୍ରୀ ଏ.ଆଇ. ପ୍ଲେନାରୀ

ପ୍ରଯୁକ୍ତିବିଦ୍ୟାର ଉପଯୋଗ ସମସ୍ତଙ୍କ ପାଇଁ ସୁଗମ କରାଯିବା ପ୍ରତ୍ୟେକ ରାଷ୍ଟ୍ରର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ-୨୦୨୬ରେ ଆଜି ଏକ ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, କୃତ୍ରିମ ବୁଦ୍ଧିମତା– ଏ.ଆଇ.କୁ ସ୍ୱଷ୍ଟ ମାନବୀୟ ମୂଲ୍ୟବୋଧ ଏବଂ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ଏହି କ୍ଷେତ୍ର ବିଶ୍ୱ ଯାତ୍ରାର ଆକାଂକ୍ଷୀଭାବେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇତିହାସକୁ ସମୀକ୍ଷା କଲେ ଜଣାପଡ଼େ ସମାଜରେ ପ୍ରତ୍ୟେକ ବିଭ୍ରାଟ ଏକ ନୂତନ ସୁଯୋଗରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭଗବାନ ବୁଦ୍ଧଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗୌତମ ବୁଦ୍ଧ ଜ୍ଞାନ ପ୍ରାପ୍ତ କରିଥିବା ଭୂମି ଏବେ ବିଶ୍ୱ ପାଇଁ ଶାନ୍ତି ଓ ଜ୍ଞାନର ଆଲୋକବର୍ତ୍ତିକା ପାଲଟିଛି। ସଠିକ୍ ତଥା ସମୟୋପଯଗୀ ବୁଝାମଣାର ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି।

**- V/O –**

Assembly

# ବିଧାନସଭା-୧

ବିଧାନସଭାରେ ଆଜି ଚଳିତ ଆର୍ଥିକ ବର୍ଷର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏଥିରେ ରାଜ୍ୟର ପ୍ରକୃତ ଅଭିବୃଦ୍ଧି ହାର ୭ ଦଶମିକ ୯ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷଠାରୁ ଏହା ଅଧିକ ହେବ। ସର୍ବଭାରତୀୟସ୍ତରର ଅଭିବୃଦ୍ଧି ହାର ୭ ଦଶମିକ ୪ ପ୍ରତିଶତଠାରୁ ମଧ୍ୟ ଏହା ଅଧିକ ରହିବ ବୋଲି ଆକଳନ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ସହ ରାଜ୍ୟରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି। ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୈତିକ ଆକାର ୯ ଦଶମିକ ୯ ଲକ୍ଷ କୋଟି ଟଙ୍କା ହେବା ନେଇ ଅନୁମାନ କରାଯାଇଛି। ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ବୃଦ୍ଧି ପାଇଥିବା ନେଇ ରିପୋର୍ଟରେ କୁହାଯାଇଛି।  କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥା ୧୯ ଦଶମିକ ୬ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି। ସର୍ବଭାରତୀୟସ୍ତର ୧୬ ଦଶମିକ ୮ ପ୍ରତିଶତଠାରୁ ଏହା ଅଧିକ ହେବ। ଚଳିତ ବର୍ଷ ମଧ୍ୟ ଖାଦ୍ୟ, ଶସ୍ୟ ଉତ୍ପାଦନ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଦୁଗ୍ଧ ଓ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ରପ୍ତାନୀ ମଧ୍ୟ ବୃଦ୍ଧି ପାଉଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବିଧାନସଭାରେ ଆସନ୍ତା ବର୍ଷର ବଜେଟ୍ ଉପସ୍ଥାପନ କରିବେ।

BBSR/R/Assembly

# ବିଧାନସଭା

ରାଜ୍ୟରେ ଧାନକିଣା ଏବଂ ଚାଷୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଆଜି ଲଗାତାର ଦ୍ୱିତୀୟ ଦିନ ପାଇଁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିରୋଧୀଙ୍କ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ପ୍ରଥମାର୍ଦ୍ଧରେ ଗୃହ ୧୧ ମିନିଟ୍ ଚାଲିବା ପରେ ମୁଲତବୀ ଘୋଷଣା କରାଯାଇଥିଲା। ପ୍ରଶ୍ନକାଳ, ଶୂନ୍ୟକାଳ ତଥା ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ସମ୍ଭବ ହୋଇପାରିନାହିଁ। ପ୍ରଶ୍ନକାଳ ଆରମ୍ଭ ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ଲା'କାର୍ଡ ପ୍ରଦର୍ଶନ ସହ ପ୍ରବଳ ହଟ୍ଟଗୋଳ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ସୁରମା ପାଢ଼ି ଗୃହକୁ ୧୦ଟା ୩୫ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପରେ ୧୧ଟା ୩୦ରେ ଶୂନ୍ୟକାଳ ଆରମ୍ଭ ହେବା ପରେ ବିରୋଧୀଙ୍କ ପକ୍ଷରୁ ପୁର୍ନବାର ହଟ୍ଟଗୋଳ ଆରମ୍ଭ ହୋଇଥିଲା ଏବଂ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନଥିଲା। ସ୍ଥିତିକୁ ଅନୁଧ୍ୟାନ କରି ବାଚସ୍ପତି ୧୧ଟା ୩୬ ମିନିଟ୍‌ରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

Desk

# ବିଧାନସଭା-୪

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ଼ ସରକାରଙ୍କ ସହ ମନ୍ତ୍ରିସ୍ତରୀୟ କମିଟିର ଆଲୋଚନା ଜାରି ରହିଛି। ବିଧାନସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦିଲ୍ଲୀରେ ୩ଥର ସଚିବ ସ୍ତରୀୟ ବୈଠକ ଶେଷ ହୋଇଛି। ୧୧ଥର ଯୁଗ୍ମ ବୈଷୟିକ କମିଟିର ବୈଠକ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

Desk

## ବିଧାନସଭା-୩

ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ଓ ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜେନା କହିଛନ୍ତି, ରାଉରକେଲା ବିମାନ ବନ୍ଦରକୁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍- ସେଲ୍‌ଠାରୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ବିମାନ ବନ୍ଦରକୁ ଏୟାର ବସ୍ ତଥା ବୋଇଙ୍ଗ୍-୭୩୭ ପରି ବଡ଼ ବିମାନ ଚଳାଚଳ ଯୋଗ୍ୟ କରିବା ପାଇଁ ପ୍ରି ଫିଜିବିଲିଟି ଅଧ୍ୟୟନ ସମ୍ପନ୍ନ ହୋଇଛି। ଯାହା ପାଇଁ ୩୭୫ ଏକରରୁ ଊର୍ଦ୍ଧ୍ୱ ଅତିରିକ୍ତ ଜମିର ଆବଶ୍ୟକତା ରହିଛି। ଲିଜ୍ ଜମି ହସ୍ତାନ୍ତର ପ୍ରକ୍ରିୟା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ସର୍ଭେ ଆଧାରରେ ଆଗାମୀ ଦିନରେ ଜମି ଅଧିଗ୍ରହଣ ପ୍ରକ୍ରିୟା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଗୃହକୁ ଅବଗତ କରାଇଛନ୍ତି।

Desk

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ପାଇଁ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀଙ୍କ  ଲାଗି ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷାରେ ସ୍ୱଚ୍ଛତା, ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ ଭୁବନେଶ୍ୱର ୟୁନିଟ୍-୧, ସରକାରୀ ଉଚ୍ଚବିଦ୍ୟାଳୟରେ ପହଁଞ୍ଚି ପରୀକ୍ଷା ପରିଚାଳନାର ତଦାରଖ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରତି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ପରୀକ୍ଷା ଚାଲିଥିବା ବେଳେ କୃତ୍ରିମ ବୁଦ୍ଧିମତା ବା ଏ.ଆଇ. କ୍ୟାମେରା ମାଧ୍ୟମରେ ସମସ୍ତ ପ୍ରକାର ଯାଞ୍ଚ କରିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

Desk

## ବିଧାନସଭା-୫

ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ମାଗିଲେ ଏ ସଂକ୍ରାନ୍ତରେ ବିଚାର କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ୩୧ଟି

ନୂଆ ଜିଲ୍ଲା ଗଠନ ପାଇଁ ଦାବିପତ୍ର ସରକାରଙ୍କ ହସ୍ତଗତ ହୋଇଛି। ଉପଯୁକ୍ତ ସମୟରେ ସରକାର ବିଚାର କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

Desk

## ବିଧାନସଭା-୬

ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ନୂତନ ହେଲିପ୍ୟାଡ ନିର୍ମାଣ ହେବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା  କହିଛନ୍ତି। ବିଧାସନଭାରେ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଜେନା କହିଛନ୍ତି, ଆବଶ୍ୟକୀୟ ଜମି ନିରୂପଣ ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଭୁବନେଶ୍ୱର–ଗୋପାଳପୁର, ଭୁବନେଶ୍ୱର-ଶିମିଳିପାଳକୁ ହେଲି ଟ୍ୟାକ୍ସି ସେବା ପାଇଁ 'ପବନ ହଂସ ଲିମିଟେଡ୍'କୁ ମନୋନୀତ କରାଯାଇଛି।

BBSR/R

## ବିଧାନସଭା-୭

ରାଜ୍ୟରେ ୧ ହଜାର ୧୨୩ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପ୍ରସ୍ତାବ ଜିଲ୍ଲାପାଳଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ କହିଛନ୍ତି। ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପୂଜାରୀ କହିଛନ୍ତି, ୫ ହଜାର ୫୭୬ଟି ପଡ଼ା ଗ୍ରାମ ମଧ୍ୟରୁ ୧ ହଜାର ୯୫୧ଟି ପଡ଼ା ଗ୍ରାମ କଟକସ୍ଥିତ ଭୂ-ଅଭିଲେଖ ଏବଂ ପରିମାପକଙ୍କ ଦ୍ୱାରା ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ

କରାଯାଇଛି । ରାଜ୍ୟରେ ବର୍ତ୍ତମାନ ୫୧ ହଜାର ୭୯୬ଟି ରାଜସ୍ୱ ଗ୍ରାମ ରହିଥିବା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

Gajapati

## ସୁଭଦ୍ରା ଶକ୍ତି ମେଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ନାରୀ ଶକ୍ତିକୁ ସମ୍ମାନ ଜଣାଇ ସୁଭଦ୍ରା ମେଳାର ଆୟୋଜନ କରାଯାଉଛି । ରାଜ୍ୟର ମହିଳାଙ୍କ ମଧ୍ୟରେ ରହିଥିବା ଅର୍ନ୍ତନିହିତ ପ୍ରତିଭା, ଦକ୍ଷତା ଓ ଉଦ୍ୟମର ପରିସ୍ଫୁଟନ ପାଇଁ ଏହା ଏକ ସ୍ୱତନ୍ତ୍ର ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।  ମେଳାରେ ୧୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ କରୁଛନ୍ତି । ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

Gajapati

## ଆତ୍ମନିଯୁକ୍ତି ପ୍ରଶିକ୍ଷଣ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଅଟଳ ବାୟୋ ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ - ୨୦୦୭ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମୁନିନ୍ଦ୍ର

ହୋନ୍‌ନାଗ ଯୋଗଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜରାଶ୍ରମର ଅନ୍ତେବାସୀମାନେ ଉପସ୍ଥିତ ଥିଲେ।

Ganjam

## ଚୈତ୍ର ପର୍ବ

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ଚୈତ୍ର ପର୍ବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସର ୪ଟି ମଙ୍ଗଳବାର ୧୦, ୧୭, ୨୪, ୩୧ ତାରିଖ ଦିନ ଏହି ପର୍ବ ମହାଆଡ଼ମ୍ବରରେ ପାଳନ କରାଯିବ। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନଙ୍କୁ ପ୍ରାକ୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

BHK

## ସୁରକ୍ଷା ସଚେତନତା

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁଙ୍କ ଥଇଥାନ ସୁରକ୍ଷା ଆଇନ, ମାନସିକ ସ୍ଥିତି, ବାଲ୍ୟ ବିବାହ, ସାଇବର ଅପରାଧ, କିଶୋର

ନ୍ୟାୟ ବ୍ୟବସ୍ଥା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।